# Akashvani, Sambalpur

# SAMBALPURI NEWS MORNING BULLETIN

## 22 July 2026 - 6.47- 6.52 am.

---

ନୀତି ଆୟୋଗ୍ ଆଇ ଆଣ୍ଡ୍ ପି.ଆର୍

ନୀତି ଆୟୋଗ୍ ପହେଲାଥର୍ ଲାଗି ବାହାର୍ କରିଥିବା ଇନ୍‌ଭେଷ୍ଟମେଂଟ୍ ଫ୍ରେଣ୍ଡ୍‌ଲିନେସ୍ ଇଣ୍ଡେକ୍ସ -୨୦୨୬ ଥି ଓଡ଼ିଶା ଦେଶର୍ ପହେଲା ୫ ଟା ରାଜ୍ୟ ଭିତ୍‌ରେ ଠାନ୍ ପାଇଛେ । ଇ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀ, ସର୍‌କାରୀ ବିଭାଗ୍, ଶିଳ୍ପ ସହଯୋଗୀ ଆଉ ନିବେଶକ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଇ ମାନ୍ୟତା ରାଜ୍ୟର୍ ସ୍ୱଚ୍ଛ ଶାସନ୍, ନୀତିଗତ ସଂସ୍କାର୍ ଆଉ ନିବେଶକ୍ ଅନୁକୂଳ ପ୍ରଶାସନ୍‌ର ପ୍ରମାଣ୍ ଆଏ । ଯେନ୍‌ଥିର୍ ଲାଗି ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍‌ର ସଂକଳ୍ପ ଆହୁରି ବର୍‌କସ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ନୀତି ଆୟୋଗଙ୍କର୍ ଇ ଇଣ୍ଡେକ୍ସ ରାଜ୍ୟମାନ୍‌କର୍ ନିବେଶ୍

ପରିବେଶ୍‌କେ ତଥ୍ୟ ଆଧାରିତ୍ ଭାବେ ଆକଲନ୍ କରୁଥିବା ଭାରତ୍‌ର ପହେଲା ବ୍ୟବସ୍ଥା ଆଏ ।

ୟୁକେ-ଭାରତ୍ ମୁକ୍ତ ବାଣିଜ୍ୟ ଚୁକ୍ତି ଆଇ ଆଣ୍ଡ୍ ପି.ଆର୍

କୋଲ୍‌କାତାର ବ୍ରିଟିଶ୍ ଡେପୁଟୀ ହାଇକମିଶନର୍ ଡକ୍ଟର୍ ଏଣ୍ଡ୍ରୁ ଫ୍ଲେମିଙ୍ଗ୍ ଗଲାକାଏଲ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଭେଟିଛନ୍ । ୟୁକେ-ଭାରତ୍ ମୁକ୍ତ ବାଣିଜ୍ୟ ଚୁକ୍ତି-ଏଫ୍‌ଟିଏ ବାବ୍‌ଦେ ୟୁକେ ଓଡ଼ିଶା ଭିତ୍‌ରେ ସହଯୋଗ୍ ବଢ଼ାବାର୍‌କେ ନେଇକରି ବୈଠକ୍‌ଥି ଆଲୋଚନା ହେଇଥିଲା । ଶକ୍ତି, ଭିତିଭୂମି, ଦକ୍ଷତା ବିକାଶ୍, ଜରୁରୀ ଖଣିଜ ଦରବ୍ ଆଉ କ୍ରୀଡ଼ାକ୍ଷେତ୍ରଥି ବାଣିଜ୍ୟ ଆଉ ନିବେଶ୍ ବଢ଼ାବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ବିକଶିତ୍ ଓଡ଼ିଶା ସପନ୍ ପୁରା କର୍‌ବାର୍ ଲାଗି ସ୍ଥାୟୀ ଆର୍ଥିକ୍ ପ୍ରଗତି ଆଉ ଦ୍ୱିପାକ୍ଷିକ୍ ସମ୍ପର୍କକେ ବର୍‌କସ୍ କର୍‌ବାର୍ ଲାଗି ଆଲୋଚନା ହେଇଥିଲା ।

ସିଙ୍ଗିଲ୍ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ଯକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର୍ ନ ଶହେ ୪୮ ନମ୍ବର୍ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ୍ କର୍ତୃପକ୍ଷ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍ଥି ୧୧ ଟା ଜିଲ୍ଲା ନ ୪ ହଜାର୍ ୫ ଶହ ୭୩ କୋଟିନୁ ଅଏତ୍କା ଟଙ୍କାର୍ ୨୩ ଟା ପ୍ରମୁଖ ଶିଳ୍ପ ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ଇ ପ୍ରକଳ୍ପ ମାନ୍କର୍ ଜରିଏ ରାଏଜେ ୨୨ ହଜାର୍ ୮ ଶହ ୭୩ ଟା ନିଯୁକ୍ତି ସୁଯୋଗ୍ ତିଆର୍ ହେବା । ଅନୁମୋଦିତ ପ୍ରକଳ୍ପ ମାନ୍କର୍ ଭିତ୍ରେ ଆଇ.ଟି. ଆଉ ଆଇ.ଟି. ଆଇସ୍, ସବୁଜ ଶକ୍ତି, ବେଟ୍ରୀ, ରସାୟନ୍, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ୍, ଇସ୍ପାତ୍, ଉଷୋ, ଭିତିଭୂମି, ସ୍ୱାସ୍ଥ୍ୟସେବା ଆଉ ପର୍ଯ୍ୟଟନ୍ ବାଗିର୍ କ୍ଷେତ୍ର ସାମିଲ୍ ଅଛେ । ସମ୍ବଲ୍ପୁର୍ ନ ୫ ତାରକା ହୋଟେଲ୍ ଆଉ ରିସର୍ଟ ତିଆର୍ ଆଉ ନୂଆପଡ଼ା ନ ୨ ଶହ ୫୦ କୋଟି ଟଙ୍କାର୍ ସମନ୍ୱିତ୍ ୟୁନିଟ୍ ଥାପ୍ନା ଭିଲ୍ ସାମିଲ୍ ଅଛେ ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୩ ତାରିଖ୍‌ନୁ ୩ ଦିନିଆ ଓଡ଼ିଶା ଗସ୍ତ ଥି ଆସ୍‌ବେ । ଇ ବାବ୍‌ଦେ ରାଷ୍ଟ୍ରପତି ଭବନ୍ ତର୍‌ଫୁ ତିଆର୍ ହେଇଥିବା କାର୍ଯ୍ୟଖସଡ଼ା ରାଜ୍ୟ ସର୍‌କାର୍‌ଙ୍କୁ ଦିଆଯାଇଛେ । ଗସ୍ତ ଅବ୍‌ସରେ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍, କଟକ୍ ଆଉ ବ୍ରହ୍ମପୁର୍ ନ ଆୟୋଜିତ୍ ହେବାର୍‌କେ ଥିବାର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ରାଷ୍ଟ୍ରପତିଙ୍କର୍ ଗସ୍ତ ଆଘୋନୁ ସବୁ ପ୍ରସ୍ତୁତି ଶେଷ୍ କରିକରି ରିପୋର୍ଟ ଦାଖଲ୍ କର୍‌ବାର୍ ଲାଗି ରାଷ୍ଟ୍ରପତି ଭବନ୍ ତର୍‌ଫୁ କୁହାଯାଇଛେ ।

ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୭ ତାରିଖ୍ ସୋମ୍‌ବାର୍ ଦିନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ସେଥିର୍‌ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଲୁକେ janasunani.odisha.gov.in ପୋର୍ଟାଲ୍‌ଥି ପଞ୍ଜିକରଣ୍ କରିପାର୍‌ବେ ।

ରଥ- ଦକ୍ଷିଣ ମୋଡ଼      ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ରଥଯାତ୍ରା ଅବ୍ସରେ ଜନ୍ମବେଦୀ ନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭକ୍ତମାନେ ଦର୍ଶନ୍ କରୁଛନ୍ । ଗଲାକାଏଲ୍ ମାହାପୁରୁମାନ୍କର୍ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ମାହାପୁରୁମାନ୍କୁ ଫେର୍ଘାଏ ରତ୍ନବେଦୀକେ ଆନ୍ବାର୍ ଲାଗି ରଥ ମାନ୍କର୍ ଦକ୍ଷିଣ ମୋଡ଼ ମୁଲ୍ ହେଇଥିଲା । ଆଜ୍ଞାମାଳ ବିଜେ ହେଲା ଉତ୍ରୁ ପୂଜାପଣ୍ଡା ସେବକ୍ମାନେ ମା ସୁଭଦ୍ରାଙ୍କର୍ ଦର୍ପଦଳନ ରଥକେ ଦକ୍ଷିଣ ମୋଡ଼ କରିଥିଲେ । ତାର୍ ଉତ୍ରୁ ଶ୍ରୀବଳଭଦ୍ରଙ୍କର୍ ତାଳଧ୍ଵଜ ରଥଘିଚା ମୁଲ୍ ହେଇଥିବାର୍ ବେଲେ ଜବର୍ ବର୍ଷା ହେବାର୍ନୁ ରଥଘିଚା ବନ୍ଦ୍ କରାଯାଇଥିଲା । ବଳଭଦ୍ରଙ୍କର୍ ତାଳଧ୍ଵଜ ଆଉ ଜଗନ୍ନାଥଙ୍କର୍ ନନ୍ଦିଘୋଷ୍ ରଥକେ ଆଏଜ୍ ଦକ୍ଷିଣମୋଡ଼ କରାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଳିଛେ ।

ଆଂଚଳିକ୍ ସ୍କୁଲ୍ ଶିକ୍ଷା ନିର୍ଦ୍ଦେଶାଳୟ      ଆର୍ଏନ୍ୟୁ/ ସମ୍ବଲପୁର

ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ମାନ୍‌କର୍ ନାଁକେ ବଦ୍‌ଲାଯାଇଛେ । ଏତ୍‌କର ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ବଦ୍‌ଲେ ଆଂଚଲିକ୍ ସ୍କୁଲ୍ ଶିକ୍ଷା ନିର୍ଦ୍ଦେଶାଳୟ ଲେଖାଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଭାଗ୍ ତର୍‌ଫୁ ଜାରି ହେଇଥିବା ବିଜ୍ଞପ୍ତି ଅନ୍‌ସାରେ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର୍, ସମ୍ବଲ୍‌ପୁର୍, ବ୍ରହ୍ମପୁର ନ ରହିଛେ, ସେତାର୍ ନାଁକେ ବଦ୍‌ଲାଯିବା । ଇତାର୍ ଆଘୋନୁ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ମାନ୍‌କର୍ ଯେନ୍ କ୍ଷମତା ରହିଥିଲା ସେଟା ଜାରି ରହେବା । ସେଥି କେନ୍‌ସି ପ୍ରକାରର୍ ପରିବର୍ତନ୍ କରାନାଇଁଯାଇ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କ୍ୟାଚ୍ ଦ ରେନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଗୃହ ଓ ସହରାଂଚଲ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଅମୃତ ଯୋଜନା ୨ ନମ୍ବର ଖେପ୍ ଅଧୀନଥି ସହରାଂଚଲ୍ ନ ବର୍ଷା ପାଏନ୍ ସଂରକ୍ଷଣ, ବନ୍ଧ କଟା ମାନ୍‌କର୍ ପୁନରୁଦ୍ଧାର ଆଉ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରଥି ବହୁତ୍‌ଟେ ପଦକ୍ଷେପ ନିଆଯାଉଛେ । ପାନିର୍

ସୁରକ୍ଷାକେ ସୁନିଶ୍ଚିତ୍ କର୍ବାର୍ ଆଉ ଜଲ୍ବାୟୁ ପରିବର୍ତନ୍ ପରିସ୍ଥିତିର୍ ମୁକାବିଲା କର୍ବାର୍ଟା ଇ କାର୍ଯ୍ୟକ୍ରମ୍ର ମୂଲ୍ ଲକ୍ଷ୍ୟ ଆଏ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ସମ୍ବଲପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, କେନ୍ଦୁଝର୍, ମୟୁର୍ଭଞ୍ଜ ଜିଲ୍ଲା ନ ଅତି ଜବର୍ ବର୍ଷା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା ଶୁକ୍ରବାର୍ତକ୍ ରଜାୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୩ ଦଶ୍ମିକ୍ ୩/୩ ଫୁଟ୍ ରହିଥିଲା । ଇ ସମିଆଥି ଜଲ୍ଭଣ୍ଡାର୍ନୁ ଫି ସେକେଣ୍ଡ୍ଥି ୧ ଲାଖ୍ ୮୬ ହଜାର୍ ୩ ଶହ ୫୪

ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଳେ ୨ ଲାଖ୍ ୧୦ ହଜାର୍ ୪ ଶହ ୨୦ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।